# ‘ଭାରତ ହେଉଛି ବହୁ ଭାଷାର ଏକ ସଂଗ୍ରହାଳୟ’



ଭୁବନେଶ୍ୱର,୨୨।୮(ସମିସ)

ଭାରତ ହେଉଛି ବହୁ ଭାଷାର ଏକ ବିସ୍ମୟକର ସଂଗ୍ରହାଳୟ। ଈଶ୍ୱର ମଣିଷକୁ ବହୁ କିଛି ଦେଇଛନ୍ତି, କିନ୍ତୁ ଭାଷା ତିଆରି କରିଛି ମଣିଷ। ଭାଷା ହିଁ ଶିଖାଏ ସାର୍ବଜନୀନ ମାନବିକତା-ଏହି ମର୍ମରେ ଆଜି ବିଶିଷ୍ଟ ବକ୍ତାମାନେ ମତ ବ୍ୟକ୍ତ କରି ଆଦିବାସୀ ସାହିତ୍ୟରେ ନୂଆନୂଆ ତାତ୍ପର୍ଯ୍ୟର ସନ୍ଧାନ କରିବା ପାଇଁ ଲେଖକ ଓ ଗବେଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଜାତୀୟସ୍ତରର ‘ସଉରାଭାଷା ସମ୍ମେଳନ’ ସଂସ୍କୃତି ବିଭାଗ ପ୍ରେକ୍ଷାଳୟରେ ଆରମ୍ଭ ହୋଇଛି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ସମ୍ମେଳନ ଉଦ୍‌ଘାଟନ କରିଛନ୍ତି। ଏଥିରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାସ ଓ ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ପରାମର୍ଶଦାତା ମଣ୍ଡଳୀର ଆବାହକ ଡକ୍ଟର ଗୌରହରି ଦାସ। ସାହିତ୍ୟ ଏକାଡେମୀ ସଭାପତି ଡକ୍ଟର ମାଧବ କୌଶିକ ସମ୍ମେଳନରେ ପୌରୋହିତ୍ୟ କରିଥିଲେ। ଲୋକ ସାହିତ୍ୟବିତ୍ ଡକ୍ଟର ମହେନ୍ଦ୍ର କୁମାର ମିଶ୍ର ସଉରା ଭାଷା ଓ ସାହିତ୍ୟ ସମ୍ପର୍କରେ ମୂଳ ଭାଷଣ ରଖିଥିବାବେଳେ ଏକାଡେମୀର ସଚିବ ଶ୍ରୀ କେ. ଶ୍ରୀନିବାସରାଓ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ‘ସଉରା ଭାଷା, ସାହିତ୍ୟ ଓ ସଂସ୍କୃତିର ଇତିହାସ’ ଶୀର୍ଷକ ଆଲୋଚନାଚକ୍ରରେ ସୋମ୍ବୁର ଶବର, ବାସନ୍ତୀ ମହାନ୍ତି, ରାଜେନ୍ଦ୍ର ପାଢ଼ୀ ଓ ଇନ୍ଦ୍ରନୀଲ ଆଚାର୍ଯ୍ୟ ସ୍ୱରଚିତ ପ୍ରବନ୍ଧପାଠ କରିଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର। ଗଳ୍ପପଠନ କାର୍ଯ୍ୟକ୍ରମରେ ସାହବୁ ଶବର, ଲମ୍ବୋଦର ଶବର, ଜେନା ଜାନୀ ଓ ଦିନାସ୍ତ୍ରୀ ଗମାଙ୍ଗୋ ଗଳ୍ପ ପାଠ କରିଥିଲେ। ଏଥିରେ ସାହିତ୍ୟ ଏକାଡେମୀ ସଂସ୍କୃତ ଭାଷା ଉପଦେଷ୍ଟାମଣ୍ଡଳୀର ଆବାହକ ପ୍ରଫେସର ହରେକୃଷ୍ଣ ଶତପଥୀ ଓ ସାନ୍ତାଳୀଭାଷା ଉପଦେଷ୍ଟା ମଣ୍ଡଳିର ଆବାହକ ଚୈତନ୍ୟ ପ୍ରସାଦ ମାଝି, ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପ୍ରଫେସର ବିଜୟ କୁମାର ଶତପଥୀ, ମହେନ୍ଦ୍ର ପ୍ରସାଦ, ଅରୁଣ କୁମାର ସାହୁ, ଏକାଡେମୀର ଓଡ଼ିଆ ଭାଷା ଉପଦେଷ୍ଟା ମଣ୍ଡଳୀର ପୂର୍ବତନ ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହ ପ୍ରମୁଖ ଯୋଗଦେଇଥିଲେ।